# ଆଇଆଇପିଏମ୍‌ରେ ଜାତୀୟ ପ୍ରତିଯୋଗିତା: ଏଲଏଣ୍ଡଟିକୁ ରୋଲିଂ ଟ୍ରଫି




ରାଉରକେଲା,୧୫/୧୨(ଇମିସ): କାଂଶବାହାଲସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ରଡ଼କ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ପକ୍ଷରୁ ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ସୁପରଭାଇଜରମାନଙ୍କ ପାଇଁ ଏକ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଆଇଆଇପିଏମ୍ ପରିସରରେ ଆଜି ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଓଁକାର ନାଥ ମହାନ୍ତି ଓ ଏଲଏଣ୍ଡଟି ୱାର୍କସ ବିଭାଗର ଉପାଧ୍ୟକ୍ଷ ଏ.ପି ମିଶ୍ର ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପ୍ରଫେସର ମହାନ୍ତି ତାଙ୍କ ଅଭିଭାଷଣରେ ଆସେଟ୍ ମ୍ୟାନେଜମେଣ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ଭାଗରୁ ୮ଟି ଦଳ ଭାଗ ନେଇଥିଲେ। ଏହି ଦଳଗୁଡ଼ିକ ହେଲେ ଓସିଏଲ ଇଣ୍ଡିଆ ଲିମିଟେଡ଼, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏସେଏଲ ମାଇନିଂ, କାଂଶବାହାଲସ୍ଥିତ ଏଲ ଏଣ୍ଡ ଟି ୱାର୍କସ, ଟାଟା ରିଫ୍ରାକ୍ଟିଜ୍, ଟିଭିଏସ, ଆପୋଲୋ ଟାୟାରସ୍। ଏଲ୍ ଏଣ୍ଡ ଟି ଏଥିରେ ସର୍ବଶ୍ରେଷ୍ଠ ଦଳର ମାନ୍ୟତା ପାଇ ରୋଲିଂ ଟ୍ରଫି ହାସଲ କରିଥିଲା। ଓସିଏଲ ଇଣ୍ଡିଆ (ତୃତୀୟ ଦଳ) ଦ୍ୱିତୀୟ ଏବଂ ଡେଲଫି ଟିଭିଏସ୍ ଓ ଓସିଏଲ୍ ଇଣ୍ଡିଆ (ପ୍ରଥମ ଦଳ) ତୃତୀୟ ସ୍ଥାନ ଦଖଲ କରିଥିଲା।

ଉଦ୍‌ଯାପନୀ ଉତ୍ସବରେ ଏଲ୍ ଏଣ୍ଡ ଟିର ଉପାଧ୍ୟକ୍ଷ ଶ୍ରୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃତି ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ସେ ତାଙ୍କ ଅଭିଭାଷଣରେ ମ୍ୟାନେଜର ରୂପରେ ସୁପରଭାଇଜରମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଆଇଆଇପିଏମର ସହକାରୀ ନିର୍ଦ୍ଦେଶକ ଡ. ମିହିର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ତାଲିମ ଓ ପ୍ରଶାସନ ବିଭାଗର ମୁଖ୍ୟ ଆର.ଏନ ପାଲ ଧନ୍ୟବାଦ ଦେଇଥିଲେ। ସିବିଏମ୍ ବିଭାଗୀୟ ମୁଖ୍ୟ ଜେ.କେ ଶ୍ରୀବାସ୍ତବ ଓ ଅଧ୍ୟାପକ ରାକେଶ ରଂଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Sambad - 16-12-06.